# ସବୁଜ ସ୍ୱର୍ଣ୍ଣ

# Green Gold

News Letter

କୃଷି ବିଜ୍ଞାନ କେନ୍ଦ୍ର, (ଓ. ୟୁ.ଏ.ଟି.) ନୟାଗଡ଼

Krishi vigyan Kendra, (O.U.A.T.), NAYAGARH

ତ୍ରୟୋଦଶ ବର୍ଷ ତୃତୀୟ ସଂଖ୍ୟା ସମାଚାର ପତ୍ର ୨୦୨୦





## ଆର୍ୟା ର ପ୍ରଶିକ୍ଷଣ ଶିବିର (ମତ୍ସ୍ୟଚାଷ)

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ମତ୍ସ୍ୟଚାଷ ପାଇଁ ଆର୍ୟାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୨୨ଜଣ ଗ୍ରାମୀଣ ଯୁବକ ଓ ଯୁବତୀ ଯୋଗଦାନ କରିଥିଲେ । ଶିବରରେ ଯୋଗଦେଇଥିବା ଯୁବକ ଓ ଯୁବତୀ ମାନଙ୍କୁ ମାଛ ଜାଆଁଳ ଉତ୍ପାଦନ, ଚାଷ ପ୍ରଣାଳୀ ଓ ପ୍ରକଳ୍ପ ତିଆରି ପାଇଁ ତାଲିମ୍ ଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୂଖ୍ୟ ଶ୍ରୀ ଅନିଲ୍ କୁମାର ସ୍ୱାଇଁ ଓ ମତ୍ସ୍ୟ ବିଭାଗର ପଦାଧିକାରୀ ପ୍ରଦୀପ୍ତ କୁମାର ବଳିୟାରସିଂ ତାଲିମ କାର୍ଯ୍ୟକ୍ରମ କୁ ପରିଚଳନା କରିଥିଲେ । ଏହି ତାଲିମ ପ୍ରାପ୍ତ ଯୁବକ ଓ ଯୁବତୀ ମାନଙ୍କୁ ଏକ ଜ୍ଞାନବର୍ଦ୍ଧକ ବାହ୍ୟ ଭ୍ରମଣ ର ସୁଯୋଗ ପ୍ରଦାନ କରାଯାଇଥିଲା । ସେଥିରେ ସେମାନେ ଖୋର୍ଦ୍ଧା, ପୁରୀ ଓ କୋଣାର୍କ ମଧ୍ୟସ୍ଥିତ ସୁବର୍ଣ୍ଣ ପୁର ଗ୍ରାମର ଶ୍ରୀଯୁକ୍ତ କୈଳାସ ସାହୁଙ୍କ ଫାର୍ମ ପରିସରକୁ ବୁଲିଯାଇଥିଲେ । ସେଠାରେ ଥିବା ଅଙ୍ଗୁଳିକା ଜାଆଁଳ ଉତ୍ପାଦନ ହ୍ୟାଚେରୀର ପରିଦର୍ଶନ କରିଥିଲେ । ଏହା ସେମାନଙ୍କର ମତ୍ସ୍ୟଚାଷ କରିବାପାଇଁ ଉତ୍ସାହ କୁ ବୃଦ୍ଧି କରିଥିଲା । ଚାଷୀମାନଙ୍କୁ ମାଛ




ଚାଷ ପାଇଁ ପୋଖରୀ ରେ ବ୍ୟବହାର କରିବା ପାଇଁ ୧.୫ ଷକ୍ସ ର କ୍ରମ୍ପଟନ ପମ୍ପ୍ ମଧ୍ୟ ମାଗଣାରେ ବଣ୍ଟନ କରାଯାଇଥିଲା ।

## ଆର୍ୟାର ପ୍ରଶିକ୍ଷଣ ଶିବିର (କୁକୁଡ଼ା ପାଳନ)

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ କୁକୁଡ଼ା ପାଳନ ପାଇଁ ଆର୍ୟାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଗ୍ରାମରୁ ପ୍ରାୟ ୨୨ ଜଣ ଯୁବକ ଓ ଯୁବତୀ ଏହି ତାଲିମ ଶିବରରେ ଯୋଗ ଦେଇଥିଲେ । ଏଥିରେ କୁକୁଡ଼ା ପାଳନ ର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ପ୍ରାଣୀଧନ ଅଫିସର ଏହି ତାଲିମ



ଶିବରରେ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । କୁକୁଡ଼ା ଚିଆଁର ଉତ୍ପାଦନ କିପରି ହ୍ୟାଚେରୀରୁ କରାଯାଇପାରିବ ତାହା କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ରେ ଥିବା ହ୍ୟାଚେରୀ ପ୍ରଦର୍ଶନ କରାଯାଇଥିଲା । ଏହି ସବୁ ଜ୍ଞାନ କୌଶଳକୁ ସଫଳତାର ସହିତ ପ୍ରୟୋଗ କରିବା ପାଇଁ ଉଦ୍ୟମୀ ଯୁବକ ଓ ଯୁବତୀ ମାନେ ଆଶା ପ୍ରକାଶ କରିଥିଲେ । ସରକାରଙ୍କ ତରଫରୁ ଋଣ ପ୍ରଦାନ ବ୍ୟବସ୍ଥାର ସୁଯୋଗ ମଧ୍ୟ ଉପଲବ୍ଧ କରିବା ପାଇଁ ସେମାନେ ଆଗ୍ରହୀ ହୋଇଥିଲେ । ପ୍ରକଳ୍ପ ପରିକଳ୍ପନା ଓ ଜ୍ଞାନ



ବର୍ଦ୍ଧକ ବାହ୍ୟ ଭ୍ରମଣ ମଧ ସେହି କାର୍ଯ୍ୟକ୍ରମ ରେ ସାମିଲ୍ କରାଯାଇଥିଲା । ଏହି ଶିବିରରେ ଯୋଗ ଦେଇଥିବା ଯୁବକ ଓ ଯୁବତୀ ମାନଙ୍କୁ ପ୍ରାରମ୍ଭିକ ପାଳନ ପାଇଁ ପ୍ରୋତ୍ସାହନ ରାଶିର ସହାୟତା ର ବ୍ୟବସ୍ଥା ମଧ୍ୟ ରହିଅଛି ।

## ଆର୍ୟାର ପ୍ରଶିକ୍ଷଣ ଶିବିର (ଛତୁଚାଷ)

ଗ୍ରାମୀଣ ଯୁବକ, ଯୁବତୀ ମାନଙ୍କୁ କୃଷି ଓ ଆନୁସଂଗିକ କ୍ଷେତ୍ରରେ ଆକର୍ଷିତ ଓ ସ୍ଥିତ ରଖିବାର ଯୋଜନା ହେଉଛି ଆର୍ୟା । ଏହି ଆର୍ୟାର ଏକ କାର୍ଯ୍ୟକ୍ରମ ଛତୁଚାଷ ପାଇଁ ନୟାଗଡ଼ ର ବିଭିନ୍ନ ଗ୍ରାମ ଓ ବ୍ଲକରୁ ଆସିଥିବା ୨୨ ଜଣ ଶିକ୍ଷାର୍ଥୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବର ର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଉଦ୍ୟୋଗୀ ଯୁବଗୋଷ୍ଠୀ ଛତୁ ଚାଷର ସମସ୍ତ ପଦ୍ଧତି ତଥା ପ୍ରକଳ୍ପ ପରିଯୋଜନାର ତାଲିମ୍




ନେଇଥିଲେ । ସେମାନେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଛତୁ ଗବେଷଣା କେନ୍ଦ୍ର ଓ କୃଷି ଓଡ଼ିଶାକୁ ବାହ୍ୟ ଭ୍ରମଣ ରେ ମଧ୍ୟ ଯାଇଥିଲେ । ଏହି ପ୍ରଶିକ୍ଷଣ ଶିବିର ସେମାନଙ୍କର ଉତ୍ସାହ କୁ ବହୁଗୁଣିତ କରିଥିଲା ଏବଂ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ ସେମାନେ ସଫଳତା ମଧ୍ୟ ହାସଲ କରିଥଲେ ।




## ଭାରତୀୟ କୃଷି ଦକ୍ଷତା ପରିଷଦ ର ପ୍ରଶିକ୍ଷଣ ଶିବିର (ଟ୍ରାକ୍ଟର ଅପେରଟର)

ଭାରତୀୟ କୃଷି ଦକ୍ଷତା ପରିଷଦର ନିର୍ଦ୍ଦେଶ କ୍ରମେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡରେ ଏକ ୩୦ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ତାଲିମ୍ ଶିବିରରେ ନୟାଗଡ଼ର ବିଭିନ୍ନ ବ୍ଲକ ଏବଂ ଗ୍ରାମରୁ ଚଷୀ ଭାଇ ଓ ଭଉଣୀ ମାନେ ଯୋଗଦେଇଥିଲେ । କୃଷି କ୍ଷେତ୍ରରେ ଟ୍ରାକ୍ଟରର ପରିଚାଳନା ଏକ ଅବିଚ୍ଛେଦ୍ୟ ଅଂଗ । ପୁରାତନ ପଦ୍ଧତି ରେ କରାଯାଉଥିବା ଚାଷ ପ୍ରଣାଳୀ (ହଳ ଲଙ୍ଗଳ), ବହୁ ସମୟ ସାପେକ୍ଷ ଓ ପରିଶ୍ରମର କାର୍ଯ୍ୟହୋଇଥିବାରୁ ନୂତନ ଜ୍ଞାନ କୌଶଳ ଏବଂ ଯାନ୍ତ୍ରିକ ଉପାୟରେ ଚାଷ କରାଗଲେ ଏହା ବହୁ




ସମୟ ଓ ପରିଶ୍ରମ ରୁ ନିବୃତ କରାଇଥାଏ । ଏହି ତଥ୍ୟକୁ ଦୃଷ୍ଟିରେ ରଖାଯାଇ ପଞ୍ଜୀକୃତ ତାଲିମ ଶିବିରର୍ଥୀ ମାନଙ୍କୁ ଟ୍ରାକ୍ଟର ପରିଚାଳନା ଉପରେ ୩୦ ଦିନର ତାଲିମ୍

ଦିଆଯାଇଥିଲା । ପ୍ରତ୍ୟକ୍ଷ ଭାବରେ ପ୍ରତି ତାଲିମ୍ ଶିବିରାର୍ଥୀ ଟ୍ରାକ୍ଟରର ପରିଚାଳନା କରିଥିଲେ । ମହିନ୍ଦ୍ର ଓ ସୋନାଲିକାର ସର୍ଭିସ୍ ଇଞ୍ଜିନିୟର ସେହି ତାଲିମ୍ ଶିବିରାର୍ଥୀ ମାନଙ୍କ ସହିତ ଟ୍ରାକ୍ଟର ଇଞ୍ଜିନ୍ ଓ ପରିଚାଳନା କରିବାର କୌଶଳକୁ ପୁଂଖାନୁ ପୁଂଖ ଭାବରେ ଆଲୋଚନା କରିଥିଲେ । ସେହିସବୁ ଶିକ୍ଷାର୍ଥୀ ମାନେ ମହିନ୍ଦ୍ରା ଟ୍ରାକ୍ଟର ର ନୟାଗଡ଼ ସ୍ଥିତ କାର୍ଯ୍ୟଶାଳାକୁ ପରିଭ୍ରମଣ ରେ ଯାଇଥିଲେ ଏବଂ ସେଠାରେ ପ୍ରାଟିକାଲ ଜ୍ଞାନ ଆହରଣ କରିଥିଲେ । ଏହି ତାଲିମ୍ ଶିବିର ଶେଷରେ ସେମାନଙ୍କର ଏକ ଲିଖିତ ପରୀକ୍ଷା କରାଯାଇଥିଲା ଏବଂ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଅଛି । ଏହିକାର୍ଯ୍ୟକ୍ରମକୁ ବୈଜ୍ଞାନିକ ସୁଚିସ୍ମିତା ଦ୍ୱିବେଦୀ ପରିଚାଳନା କରିଥିଲେ ।



## ଭାରତୀୟ କୃଷି ଦକ୍ଷତା ପରିଷଦର ପ୍ରଶିକ୍ଷଣ ଶିବିର (ଛତୁ ଉତ୍ପାଦକ)

ଭାରତୀୟ କୃଷି ଦକ୍ଷତା ପରିଷଦର ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଗ୍ରାମୀଣ ଯୁବକ ଓ ଯୁବତୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥିଲା । ଛତୁଚାଷ ଓ ଛତୁର ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ପଦାର୍ଥ ର ପ୍ରସ୍ତୁତି ଉପରେ କୃଷି ବୈଜ୍ଞାନିକା ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ ଏହି ତାଲିମ ପ୍ରଦାନ କରିଥିଲେ । ଦୀର୍ଘ ୩୦ ଦିନ ବ୍ୟାପୀ ଏହି ଶିବିବରରେ ଛତୁ ଚାଷ ର ପ୍ରତ୍ୟେ ଦିଗ ଉପରେ ଆଲୋକପାତ କରାଯାଇଥିଲା । ପ୍ରତ୍ୟକ୍ଷ ଭାବରେ ସେହି ମାନଙ୍କୁ ଛତୁ ଚାଷପାଇଁ ଶଯ୍ୟା ପ୍ରସ୍ତୁତି କରିବାକୁ ଦିଆଯାଇଥିଲା । ବିଷୟବସ୍ତୁ ର ଆଧାରରେ ସେମାନେ ନିଜେ ନିଜ ଉଦ୍ୟମରେ ଶଯ୍ୟା ପ୍ରସ୍ତୁତି କରି ସେଥିରେ ଛତୁ ର ଉତ୍ପାଦନ କରିଥିଲେ । ଛତୁରୁ ପ୍ରସ୍ତୁତି ମୂଲ୍ୟଯୁକ୍ତ ପଦାର୍ଥ ମଧ୍ୟ ସେମାନେ ପ୍ରସ୍ତୁତ କରିଥିଲେ । ପରିଶେଷରେ ସେମାନେ ପ୍ରାପ୍ତ କରିଥିବା ଜ୍ଞାନ କୌଶଳର ଏକ ଲିଖିତ ପରୀକ୍ଷା ମଧ୍ୟ କରାଯାଇଥିଲା ଏବଂ ସେଥିରେ ଉତ୍ତୀର୍ଣ୍ଣ ହେଇଥିବା ଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ଦେବାର ବ୍ୟବସ୍ଥା ମଧ୍ୟ ହୋଇଅଛି ।



## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ବିତରଣ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ରାଉତରାୟପୁର ଗ୍ରାମର ଚାଷୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ବିତରଣ କାଯାଇଥିଲା । ଚାଷୀମାନେ ନିଜ ନିଜ ଜମିରୁ ସଂଗୃହୀତ ମୃତ୍ତିକା ନମୁନାକୁ ପ୍ରୟୋଗଶାଳାରେ ବିଶ୍ଳେଷଣ କରି ଏବଂ ଏହାର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଏହି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ଗଠନ କରାଯାଇଥିଲା ମୃତ୍ତିକା ବୈଜ୍ଞାନିକ ଶ୍ରୀମତା ଲତା ମଲ୍ଲିକ ଏହି ସ୍ୱାସ୍ଥ୍ୟ କାର୍ଡ଼କୁ ବିତରଣ କରିଥିଲେ ।

## ଦୂରଦର୍ଶନ କୃଷକ ମଞ୍ଚ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ଏକ ଦୂରଦର୍ଶନ କୃଷକ ମଞ୍ଚର ଆୟୋଜନ ସ୍ଥାନୀୟ ରାଉତରାପୁର ଗ୍ରାମରେ କରାଯାଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଶ୍ରୀ ଅନିଲ୍ କୁମାର ସ୍ୱାଇଁ, ବୈଜ୍ଞାନିକ ସୁଚିସ୍ମିତା ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ । ଚାଷୀମାନେ ସେମାଙ୍କର କୃଷି ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଏହି ବୈଜ୍ଞାନିକ ଙ୍କ ଠାରୁ ପ୍ରାପ୍ତ କରିଥିଲେ । ଯାହାକି ଦୂରଦର୍ଶନ ଦ୍ୱାରା ରେକର୍ଡ଼ିଙ୍ଗ କରାଯାଇଥିଲା ଏବଂ ଦୂରଦର୍ଶନ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଥିଲା । ସେଠାରେ ଉପସ୍ଥିତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ନୃତ୍ୟ ଓ ଗୀତର ଆୟୋଜନ ମଧ୍ୟ କରାଯାଇଥିଲା ।



## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଗତ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଗୋଡ଼ିପଲ୍ଲି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଯୋଗଦେଇଥିଲେ । କୃଷି ବୈଜ୍ଞାନିକ ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ ଓ ଶ୍ରୀ ବିକ୍ରମ କେଶରୀ ପରିମାଣିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା




କରିଥିଲେ । ମହିଳା ମାନଙ୍କଠାରେ ଆସାଧାରଣ ପ୍ରତିଭା ଲୁଚି ରହିଛି ଏବଂ ସେମାନେ ଆବଶ୍ୟକ ବେଳେ ସେମାନଙ୍କର ପ୍ରତିଭା ପଦର୍ଶନ କରି କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ଏହି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । କୃଷି ଓ ଆନୁସଂଗିକ ଚାଷ ଯଥା ଫୁଲଚାଷ, ପନିପରିବାଚାଷ, ଛତୁ ଚାଷ, ମତ୍ସ୍ୟଚାଷ, କୁକୁଡ଼ା ପାଳନ, ଚାରାଉତ୍ପାଦନ କରିବା ପାଇଁ ସେମାନେ ଦୃଢ ପରିକର ହୋଇଥିଲେ । ଏହା ସେମାନଙ୍କର ସାମାଜିକ ମୂଲ୍ୟବୋଧ କୁ ଦ୍ୱିଗୁଣିତ କରିବ ବୋଲି ସେମାନେ ହୃଦୟଙ୍ଗମ କରିଥିଲେ । ପରିଶେଷରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟର ବିତରଣ କରାଯାଇଥିଲା ।

## ଜାତୀୟ ଛତୁ ଦିବସ ପାଳନ

କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ତରଫରୁ ସ୍ଥାନୀୟ ଓଡ଼ଗାଁ ଖେଳ ପଡ଼ିଆରେ ଜାତୀୟ ଛତୁ ଦିବସ ପାଳନ କରଯାଇଅଛି । ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଶ୍ରୀ ଅନିଲ କୁମାର ସ୍ୱାଇଁ, ଶ୍ରିମତୀ ବିଜୟଲକ୍ଷ୍ମୀ ରାଉତ ଓ ଶ୍ରିମତୀ ସୁଚିସ୍ମିତା ଦ୍ୱିବେଦୀ ପ୍ରମୁଖ




ଯୋଗଦେଇଥିଲେ । ଉଦ୍ୟାନ କୃଷି ବିଭାଗର ଅଧିକାରୀ ମଧ୍ୟ ଯୋଗଦେଇଥିଲେ । ଛତୁ ଏକ ବିକଳ୍ପ ଖାଦ୍ୟ ଓ ପୌଷ୍ଟିକ ଔଷଧୀୟ ତତ୍ତ୍ୱର ଉତ୍ସ ଏହା ଆଲୋଚନା ମାଧ୍ୟମରେ ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା । ନୟାଗଡ଼ର ଜିଲ୍ଲାପାଳ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେଇଥିଲେ ।

## ପମ୍ପ ଟେକ୍ନିସିଆନ୍ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ଜାନୁୟାରୀ ୨୯ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରାଙ୍ଗଣ ରେ ପମ୍ପ ଚାଳକ ମାନଙ୍କ ପାଇଁ ଏକ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ଏଥିରେ ବଭିନ୍ନ ଅଞ୍ଚଳରୁ ଚାଷୀ




ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ । ଏବଂ ପମ୍ପ ଚାଳନା ଓ ବିଭିନ୍ନ ଉପଯୋଗିତା ଉପରେ କରାଯାଇଥିବା ଆଲୋଚନାରୁ ଜ୍ଞାନ ଲବ୍ଧ କରିଥିଲେ । ସୌରଶକ୍ତି ଦ୍ୱାରା ଚାଳିତ ପମ୍ପର ମଧ୍ଯ ପ୍ରଦର୍ଶନ କରାଯାଇଥିଲା ।

ପ୍ରକାଶକ : ଡ଼ଃ ଅନିଲ୍ କୁମାର ସ୍ୱାଇଁ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ
ସଂପାଦକ : ବିକ୍ରମ କେଶରୀ ପରିମାଣିକ, କାର୍ଯ୍ୟକ୍ରମ ସହକାରୀ
ବୈଷୟିକ ସହାୟତା : ବିଜୟଲକ୍ଷ୍ମୀ ରାଉତ, ସୁଚିସ୍ମିତା ଦ୍ୱିବେଦୀ, ଶ୍ରୀ ତ୍ରିବିଜୟୀ ବଡ଼ଜେନା

ଯୋଗାଯୋଗ ଠିକଣା-

**କୃଷି ବିଜ୍ଞାନ କେନ୍ଦ୍ର**

ନୟାଗଡ଼, ପାଣିପଇଲା,
ପୋଷ୍ଟ- ବାଲୁଗାଁ, ଜିଲ୍ଲା -ନୟାଗଡ ଫୋନ - 9439024040
EMAIL kvknayagarh.ouat@gmail.com